ଓଡିଶା ସରକାର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

<u>ଅଧିସୂଚନା</u>

ସଂଖ୍ୟା : ୨୯୦୦ / ବିଗବି, ତାରିଖ ୨୮.୦୯.୨୦୨୨

SME-EL2-EL2-0156-2024

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଗରମ ରନ୍ଧା ମଧ୍ୟାହ୍ନ ଭୋଜନ ଯୋଗାଇଦେବା ନିମନ୍ତେ "ମୁଖ୍ୟ ମନ୍ତ୍ରୀ ପୋଷଣ ଯୋଜନା" ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ତା୦୧.୦୪.୨୦୨୫ରିଖଠାରୁ ଆରମ୍ଭ କରାଯାଇଅଛି । ଏହି ଯୋଜନାର ଲକ୍ଷ୍ୟ ହେଉଛି କିଶୋର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୋଷଣ ସ୍ତରର ଅଭିବୃଦ୍ଧି, ନାମଲେଖା, ଉପସ୍ଥାନ ଓ ଅନବରତ ଶିକ୍ଷା ଗ୍ରହଣ ପାଇଁ ପ୍ରୋତ୍ସାହନ ତଥା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ସମାନ ପୋଷଣ ସୁବିଧା ପ୍ରଦାନ କରିବା ।

ପ୍ରାରମ୍ଭିକ ସ୍ତରରେ, ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରତି ଛାତ୍ର/ଛାତ୍ରୀ ପିଛା ଦୈନିକ ପଡ଼ିର ମୂଲ୍ୟ ଟ. ୧୦. ୯୪ ରେ ନିର୍ଦ୍ଧାରିତ କରାଯାଇଥିଲା, ଯାହା "ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା" ଅଧୀନରେ ପ୍ରଚଳିତ ହାର ସହ ସମାନ ଥିଲା ।

ପରବର୍ତ୍ତୀ ସମୟରେ, ତା ୦୧.୦୫.୨୦୨୫ ଠାରୁ, "ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା" ଅଧୀନରେ ପ୍ରତି ଛାତ୍ର/ଛାତ୍ରୀ ପିଛା ଦୈନିକ ପଡ଼ିର ମୂଲ୍ୟ ଟ. ୧୪. ୭୪ କୁ ବୃଦ୍ଧି କରାଯାଇଅଛି, ଯାହା ଏହି ବିଭାଗର ଅଧିସୂଚନା ସଂଖ୍ୟା ୧୬୯୦୦/ SME, ତା. ୨୦.୦୬.୨୦୨୫ ରିଖ ଦ୍ୱାରା ସୂଚିତ କରାଯାଇଛି ।

ଏହିକ୍ରମରେ , ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୋଷଣ ମାନଦଣ୍ଡ ଓ ଭୋଜନର ଗୁଣବତ୍ତାରେ ସମାନତା ରକ୍ଷା କରିବା ଉଦ୍ଦେଶ୍ୟରେ, ରାଜ୍ୟ ସରକାର "ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା" ଅଧୀନରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟମାନଙ୍କର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରତି ଛାତ୍ର/ଛାତ୍ରୀ ପିଛା ଦୈନିକ ପଡ଼ିର ମୂଲ୍ୟକୁ ଟ. ୧୦.୯୪ ରୁ ଟ.୧୪.୭୪ କୁ ତା ୦୧.୦୫.୨୦୨୫ରିଖ ଠାରୁ ବୃଦ୍ଧି କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିନିମନ୍ତେ ସଂଶୋଧିତ ବର୍ଦ୍ଧିତ ଆର୍ଥିକ ଆବଶ୍ୟକତା "ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା" ଅଧୀନରେ ଥିବା ବଜେଟ୍ ବ୍ୟବସ୍ଥାରୁ ବହନ କରାଯିବ।

ଉକ୍ତ ପ୍ରସ୍ତାବ ଏହି ବିଭାଗର ନଥି ସଂଖ୍ୟା SME-EL2-EL2-0156-2024 ରେ ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ କରାଯାଇଅଛି।

***ଆଦେଶ** :ଏହି ଅଧିସୂଚନାଟିକୁ ଓଡିଶା ଗେଜେଟ୍ ର ଏକ ଅସାଧାରଣ ଗେଜେଟ୍ ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରାଯିବା ପାଇଁ ଆଦେଶ କରାଗଲା।।*

ରାଜ୍ୟପାଳଙ୍କ ଆଦେଶକ୍ରମେ

ଆୟୁକ୍ତ ତଥା ଶାସନ ସଚିବ

(ପ.ପୃ.ଦ୍ର)

ସ୍ପିଡ ପୋଷ୍ଟ

ଜ୍ଞାପକ ସଂଖ୍ୟା- ୨୧୦୧ /ବିଗବି, ତାରିଖ- ୨୮.୦୧.୨୦୨୨

ଏହାର ଏକାକିତା ନକଲ ବାଣିଜ୍ୟ ଓ ପରିବହନ(ବାଣିଜ୍ୟ)ବିଭାଗ/ ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡିଶା, କଟକ(email-deputydirectorpp@rediffmail.com) ର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏଠାରେ ଅନୁରୋଧ କରାଯାଉଅଛି ଯେ ସେ ଏହି ଅଧିସୂଚନାଟିକୁ ଅସାଧାରଣ ଗେଜେଟର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରି ଏହାର ୧୦୦ କିତା ନକଲ ଏହି ବିଭାଗକୁ ପ୍ରେରଣ କରିବେ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୨୧୦୨ /ବିଗବି, ତାରିଖ- ୨୮.୦୧.୨୦୨୨

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ/ ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା/ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ ଯଥାକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷାଙ୍କ ବ୍ୟକ୍ତିଗତ ସଚିବ/ ଆୟୁକ୍ତ ତଥା ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୨୧୦୩ /ବିଗବି, ତାରିଖ- ୨୮.୦୧.୨୦୨୨

ଏହାର ଏକକିତା ନକଲ ଅର୍ଥ ବିଭାଗ/ଯୋଜନା ଓ ସଂଯୋଜନ ବିଭାଗ / ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୨୧୦୪ /ବିଗବି, ତାରିଖ- ୨୮.୦୧.୨୦୨୨

ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣର ରାଜ୍ୟ ଭାରପ୍ରାପ୍ତ ଅଧିକାରୀ, ଭୁବନେଶ୍ୱର/ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ସମସ୍ତ ନିର୍ଦ୍ଦେଶକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୨୧୦୫ /ବିଗବି, ତାରିଖ- ୨୮.୦୧.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲାପାଳ/ ଜିଲ୍ଲା ଶିକ୍ଷା ଅଧିକାରୀ/ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୨୧୦୬ /ବିଗବି, ତାରିଖ- ୨୮.୦୧.୨୦୨୨

ଏହାର ଏକକିତା ନକଲ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ଅଧିକାରୀ / ସମସ୍ତ ଉପ ବିଭାଗର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାଦ୍ୱାରା କମ୍ପୁଟର ସେଲକୁ ଅନୁରୋଧ କରାଯାଉଅଛି ଯେ ଏହି ଅଧିସୂଚନାଟିକୁ ଯଥାଶୀଘ୍ର ବିଭାଗର ୱେବସାଇଟରେ ଅପଲୋଡ କରିବେ ।

ଅତିରିକ୍ତ ଶାସନ ସଚିବ